**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁପାର୍କ ପ୍ରତିଷ୍ଠା ଦାବି**

ଜୟପୁର, (ନି.ପ୍ର.)-ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିମେଣ୍ଟ ଚେୟାର ଓ ଶିଶୁଙ୍କ ଖେଳିବା ଲାଗି ଶିଶୁ ପାର୍କ କରିବାକୁ ସାମାଜିକ ଅନୁଷ୍ଠାନ ସାହାଯ୍ୟ ଦାବି କରିଛି। ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଚିକିତ୍ସାଳୟରେ ରୋଗୀଙ୍କ ସମ୍ପର୍କୀୟ ବସିବା ନିମନ୍ତେ ୩୦/୪୦ ସିମେଣ୍ଟ ଚେୟାର ଓ ଶିଶୁଙ୍କ ଖେଳକୁଦ ପାଇଁ ଏକ ପାର୍କ ମୁକ୍ତା ଯୋଜନାରେ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସ୍ୱର୍ଣ୍ଣଲତା ପଣ୍ଡା, ମୃତ୍ୟୁଞ୍ଜୟ ରାଉତ, ପବିତ୍ର ମୋହନ ପାତ୍ର, ଜିତେନ୍ଦ୍ର ମହାପାତ୍ର, କାର୍ତ୍ତିକ ରାଉତ, ଜୟନ୍ତ ସାହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଶିକ୍ଷା ବର୍ଗରେ ସର୍ବାଧିକ ସଫଳତା ନେଇ ମାଲକାନଗିରି ପୁରସ୍କୃତ

ମାଲକାନଗିରି, ୩୦।୪ (ଡି.ଏନ.ଏ.)

ଓଡ଼ିଶାରେ ମହିଳା ଶିକ୍ଷା ବର୍ଗରେ ସର୍ବାଧିକ ସଫଳତା ହାସଲ କରିଥିବାରୁ ମାଲାକନଗିରି ଜିଲାକୁ ଇଣ୍ଡିଆ ଟୁଡେର ରାଜ୍ୟସ୍ତରୀୟ କନକ୍ଲେଭରେ ପୁରସ୍କୃତ କରାଯାଇଛି। ମହିଳାଙ୍କ ବିକାଶ ଓ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ମାଲକାନଗିରି ଜିଲାକୁ ଚୟନ କରାଯାଇଥିବା ଜଣାପଡିଛି। ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାପାଳ ବିଶାଳ ସିଂଙ୍କୁ ଏଥିପାଇଁ ପୁରସ୍କୃତ କରିଛନ୍ତି। ଆଗାମୀ ଦିନରେ ମଧ ଏଭଳି କାର୍ଯ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ, ସମସ୍ତଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ ଯୋଗୁ ଜିଲାକୁ ଏପରି ପୁରସ୍କାର ମିଳିଛି। ଜିଲାପାଳ ସିଂହ ଏନେଇ ସମସ୍ତ ଶ୍ରେୟ ଜିଲାବାସୀଙ୍କୁ ଦେଇଛନ୍ତି।



କାର୍ଯ୍ୟକ୍ରମରେ ମୁଖ୍ୟ ଶାସନସଚିବ ସୁରେଶ ମହାପାତ୍ରଙ୍କଠାରୁ ମାଲକାନଗିରି ଜିଲାପାଳ ବିଶାଳ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।

## ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଜିଲା ଗସ୍ତ

କୋରାପୁଟ,୩୦।୪(ସ୍ୱ.ପ୍ର.)

ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍କାପ ଶନିବାର କୋରାପୁଟ ଜିଲା ଗସ୍ତରେ ଆସି ଜିଲାରେ ଚାଲିଥିବା ଖାଦ୍ୟ ସୁରକ୍ଷା ଯୋଜନା ଓ ପୁଷ୍ଟି ସାଧନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଜିଲାର ସେମିଳିଗୁଡାରେ ଅଙ୍ଗନବାଡି କେନ୍ଦ୍ର, ସାଧାରଣ ବଣ୍ଟନ, ସି ସାମ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଏଥି ପୂର୍ବରୁ ଲକ୍ଷ୍ମୀପୁର ବ୍ଲକର କୁସୁମୁଗୁଡା ଓ ପଞ୍ଚଡା ଗସ୍ତ କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସାଏ, ଉପଜିଲାପାଳ ଲଳିତ କହଁର, ଜିଲା ଯୋଗାଣ ଅଧିକାରୀ ପିକେ ପଣ୍ଡାଙ୍କ ସହ କାର୍ଯ୍ୟକ୍ରମ ସମ୍ପର୍କରେ ମେର୍କାପ ଆଲୋଚନା କରିଥିବା ଜଣାଯାଇଛି।

## ମାଥିଲିରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ମାଲକାନଗିରି, ୩୦।୪ (ଡି.ଏନ.ଏ.)



ଶିବିରରେ ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଉଛି।

ମାଲକାନଗିରି ଜିଲାର ମାଥିଲି ବ୍ଲକ କମାରପାଲି ଗ୍ରାମରେ ଶନିବାର ପୋଲିସ ପକ୍ଷରୁ ଏକ ଜନସମ୍ପର୍କଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲିସ ଜନସାଧାରଣଙ୍କ ନିକଟତର ହେବା ଏବଂ ସେମାନଙ୍କ ମନରୁ ମାଓବାଦୀ ଭୟରୁ ଦୂର କରିବାକୁ ମାଥିଲି ପୋଲିସ ଏଭଳି ପ୍ରୟାସ କରିଥିଲା। ସରକାରୀ ଯୋଜନାଗୁଡ଼ିକ କିପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ ଏବଂ ଏବଂ ଲୋକେ ଉପକୃତ ହେବେ ସେନେଇ ଲୋକଙ୍କୁ କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ମଧ୍ୟ ହୋଇଥିଲା। ମାଥିଲି ସମେତ ଆଖପାଖ ଗ୍ରାମର ପ୍ରାୟ ୬୦୦ ଲୋକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ। ବିଦ୍ୟାଳୟ ପିଲାମାନଙ୍କ ପାଇଁ ଖେଳ ସାମଗ୍ରୀ, ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ କମ୍ବଳ, ଛତା, ସୋଲାର ଲାଇଟ୍ ଆଦି ବଣ୍ଟନ କରାଯାଇଥିଲା। ମାଥିଲ ଓଆଇସି ସୂର୍ଯ୍ୟ ପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍ଆଇ ଚିତେଶ୍ୱର ମୁଣ୍ଡା, ଏସଆଇ କୃତିବାସ ବେହେରା, ସହାୟତା କରିଥିଲେ।

## ସଂକ୍ଷେପରେ

### ୱାର୍ଡମେମ୍ବରଙ୍କୁ ହତ୍ୟା ସନ୍ଦେହ

ପଟ୍ଟାଙ୍ଗୀ,୩୦।୪(ଡି.ଏନ.ଏ.)-କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅମ୍ବାବାଲି ପଞ୍ଚାୟତର ଜଣେ ୱାର୍ଡମେମ୍ବରଙ୍କୁ ଶନିବାର ହତ୍ୟା କରାଯାଇଛି। ସେ କେଉଁ ୱାର୍ଡର ୱାର୍ଡମେମ୍ବର ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ପରିଚୟ ମିଳି ନ ଥିବା ବେଳେ ଘର ମୁଳାଗୁଡା ଗ୍ରାମରେ ବୋଲି ଜଣାପଡିଛି। ପଲୱାଲାସାଠାରେ ତାଙ୍କ ମୃତଦେହ ପଡିରହିଛି। ସମ୍ପୃକ୍ତ ଅଞ୍ଚଳ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚିପାରି ନ ଥିବା ସୁଙ୍କି ଫାଣ୍ଡି ପକ୍ଷରୁ କୁହାଯାଇଛି।

### ପୁଣି ବନ୍ଧା ହେଲେ ଏଏସ୍ଆଇ ଜୟଦାଶ ଖରା

ମାଲକାନଗିରି,୩୦।୪ (ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ କର୍ତ୍ତନପାଲି ଫାଣ୍ଡି ଅଧିକାରୀ କାର୍ଯ୍ୟରତ ଏଏସ୍ଆଇ ଜୟଦାଶ ଖରାଙ୍କୁ ଗଞ୍ଜେଇ ଚୋରା ଚାଲାଣରେ ସହଯୋଗ କରୁଥିବାରୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା। କିଛିଦିନ ପରେ ସେ ଜେଲରୁ ମୁକୁଳିଥିଲେ। ଏବେ ପୁଣି ସେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ପୁଣି ଥରେ ଭିଜିଲାନ୍ସ ବିଭାଗ ତାଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତି ଉପରେ ଚଢାଉ କରିଥିଲା। ଏକକାଳୀନ ୫ଟି ସ୍ଥାନରେ ଚଢାଉ କରି ତାଙ୍କର ୧ କୋଟି ୮ ଲକ୍ଷ ୪୧ ହଜାର ୭୮୨ ଟଙ୍କାର ସମ୍ପତି ଠାବ କରିଥିଲା। ଏହି ସମ୍ପତିର ସଠିକ ତଥ୍ୟ ସେ ଭିଜିଲାନ୍ସକୁ ଦେଇପାରି ନାହାନ୍ତି। ଶୁକ୍ରବାର ସର୍ଚ୍ଚ ବେଳେ ତାଙ୍କଠାରୁ ୧ ଲକ୍ଷ ୨୫୦ ଟଙ୍କା ନଗଦ ମିଳିଥିବା ବେଳେ ୪୧.୨୪ ଲକ୍ଷ ଟଙ୍କାର ଗୋଟିଏ କୋଠାଘର, ୩୩.୬୭ ଲକ୍ଷ ଟଙ୍କାର ତିନି ମହଲା କୋଠା କୋରାପୁଟ ଜିଲାରେ ଦୁଇଟି ପ୍ଲଟ, ୨୯୦ ଗ୍ରାମର ସୁନା ସହ ବ୍ୟାଙ୍କ ଜମା, ଜୀବନବୀମା, ଘରୋଇ ଉପକରଣ ସାମଗ୍ରୀ ଭିଜିଲାନ୍ସ ଠାବ କରିଛି। ଏହାକୁ ଆଧାର କରି ଭିଜିଲାନ୍ସ ପୁଣି ଥରେ ଜୟଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ଜଳ ସଂର କ୍ଷଣ ଅଭି ଯାନ ସମୀକ୍ଷା ବୈଠକ

ମାଲକାନଗିରି, ୩୦।୪(ଡି.ଏନ୍.ଏ.) - ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥାର ସଭା ଗୃହରେ ବର୍ଷାଜଳ ସଂରକ୍ଷଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ବର୍ଷା ଜଳ ସଂରକ୍ଷଣ ନେଇ ଏକ ପ୍ରୋଜେକ୍ଟ ରିପୋର୍ଟ ଡିଆରଡିଏକୁ ଦେବେ। ୨୦୨୩ ଅଗଷ୍ଟ ୧୫ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ। ଆସନ୍ତା ମେ ୭ରେ ମାଲକାନଗିରି ଜିଲାର ପ୍ରତି ପଞ୍ଚାୟତରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଏକ ବୈଠକ ହେବ। ଏହି ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦଭୂୟାଁ ସଭାପତିତ୍ୱ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଡି. ସୁଧାକର କୁମାର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସମୀର ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡି.ଆର୍.ଡି.ଏ. ସୁଭଶ୍ରୀ ସାହୁ, ପୋଟେରୁ କେନାଲ ଡିଭିଜନର ସୁପରିଟେଣ୍ଡେଣ୍ଟ ମଙ୍ଗଲାଲ ଜୈନ, ଜିଲା ଯୁବ ରେଡକ୍ରସ ଆବାହକ ସମ୍ପାଦକ ଡ.ରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କାଲିମେଲା, ୩୦।୪(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ କୋଇମେଟଲା ପଞ୍ଚାୟତ ଏମଭି-୬୮ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ କୁମାର ସାମଲଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ମିଳିଛି। ଏ ନେଇ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ୍ ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସୁସିନୀ ସୋଡ଼ି ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଡ଼ି, ବ୍ଲକ ଶିକ୍ଷା ଅଧିକାରୀ ରମେଶ ବାରୋଇ, ଏବିଇଓ ଚିନ୍ତା ହରଣ ମଧୁ,ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, କୋଇମେଟଲା ସରପଞ୍ଚ ମୁନା ପଡିଆମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତ ବୈଦ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ୧୯୯୩ରେ ଏମ୍ଭି-୬୮ ବିଦ୍ୟାଳୟରେ ଯୋଗ ଦେଇଥିଲେ।

# ଠିକାଦାର ବଳରାମ ଦଳେଇ ହତ୍ୟା ମାମଲା: ୬ ନିର୍ଦ୍ଦୋଷରେ ଖଲାସ

କୋରାପୁଟ,୩୦।୪(ସ୍ୱ.ପ୍ର.)

କୋରାପୁଟ ଜିଲା କୁମ୍ଭାରିପୁଟ ଗ୍ରାମର କଂଗ୍ରେସ ନେତା ତଥା ଠିକାଦାର ବଳରାମ ଦଳେଇଙ୍କ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଏହି ମାମଲାରେ କୋରାପୁଟ ଅତିରିକ୍ତ ଜିଲା ଦୌରା ଜଜ୍ ମହଲତ ଶା ପ୍ରମାଣ ଅଭାବରୁ ୬ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ନାରାୟଣପାଟଣା ଥାନା ଅନ୍ତର୍ଗତ ବନ୍ଧୁଗାଁ ଥାନା ଅନ୍ତର୍ଗତ ନିଲବାଡିର ଚେକିଟି ପ୍ରସାଦ, ଚମ୍ପାଖୋଲାର ଜେଟୁ ମେଲେକା, ଅଭି ପିଡ଼ିକା, ବୁଲୁ ପିଡ଼ିକା, ଆଦାନ ମେଲେକା ଓ ଆଦାନ କଦ୍ରାକା। ଅଭିଯୁକ୍ତ ସମ୍ୟରୁ ଏହି ମାମଲାରେ ଦୀର୍ଘ ୮ ବର୍ଷ ୬ ମାସ କାଳ ଜେଲରେ ରହି ମୁକୁଳିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଜାମିନରେ ରହିଥିବା ଜଣାଯାଇଛି। ଖବରରୁ ଜଣାପଡିଛି ଗତ ୧୭ ଜୁଲାଇ ୨୦୧୩ରେ ଠିକାଦାର ବଳରାମ ଦଳେଇଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିବା ନେଇ ତାଙ୍କ ପୁଅ ମାନସ ଦଳେଇ ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ. ୩୦/୨୦୧୩, ଦଫା ୧୪୭/୧୪୮/୩୦୨/୧୨୦ଖ/୧୪୯ ଓ ୨୫/୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କର ୩୧ ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଅତିରିକ୍ତ ଜିଲା ଦୌରା ଜଜ୍ଙ୍କ ଅଦାଲତରେ ଏହି ମାମଲା ସେବେଠାରୁ ବିଚାରାଧୀନ ଥିଲା। ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ରାଉତରାୟ, ଗୁପ୍ତେଶର ପାଣିଗ୍ରାହୀ, କମଳ ଖୁରା ମାମଲା ପରିଚାଳନା କରୁଥିଲେ।

# ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

ଚିତ୍ରକୋଣ୍ଡା,୩୦।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାର ମନ୍ତ୍ରୀପୁଟଠାରେ ଗାଡି ମୋଟର ଯାଞ୍ଚ ବେଳେ ଶୁକ୍ରବାର ଚିତ୍ରକୋଣ୍ଡା ପୋଲିସ ଏକ ସ୍କୋର୍ପିଓ( ନଂ.ଏପି୧୬ବିୱାଇ- -୭୨୯୯)ରୁ ଗଞ୍ଜେଇ ଜବତ କରିଛି। ଏହାର ପରିମାଣ ୧୫୧ କେଜି ୨୦୦ ଗ୍ରାମ। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗିଲାମାମୁ ଗ୍ରାମର ଲକ୍ଷଣ ଗୋଲାରି, ତେନ୍ତୁଳିପଦର ଗ୍ରାମର ଅର୍ଜୁନ ଖରା ଓ ବୁଦ୍ଧୁରାମ ଖିଲ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଚିତ୍ରକୋଣ୍ଡା ଏସଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ଏକ ଟିମ ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାରେ ଗାଡି ମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଆସୁଥିବା ସ୍କୋର୍ପିଓକୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଚିତ୍ରକୋଣ୍ଡା ଏସ୍ଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

# ପ୍ରାଣୀ ଚିକିତ୍ସାର ସୁଦୃଢୀକରଣ ଉପରେ ଗୁରୁତ୍ୱ

**ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ**

କୋରାପୁଟ,୩୦।୪(ସ୍ୱ.ପ୍ର.)

ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି କେନ୍ଦ୍ରଠାରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଛି। ଏଥିରେ ପ୍ରାଣୀ ଚିକିତ୍ସା ସେବାର ସୁଦୃଢୀକରଣ ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ସାରଙ୍ଗଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. କର୍ନେଲ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଣୀ ଚିକିତ୍ସା ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ କର୍ମଚାରୀ ପ୍ରାଣୀ ସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଅଧିକାରୀ ଡ. ଦୀପକ ବାରିକ, ଡ. ଭାନୁମତୀ, ଡ. ସାନ୍ତନୁ କୁମାର ଟାକିରି, ଡ. ବିନାୟକ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜିଲାରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାର କିପରି ସମାଧାନ ହୋଇପାରିବ ସେନେଇ ଗୁରୁତ୍ୱରୋପ କରିଥିଲେ। ଏହି ଅବସରରେ ଜିଲାରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ୫ ଜଣ ଅଧିକାରୀ ଓ ୪ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ବୈପାରିଗୁଡା,୩୦।୪ (ଡି.ଏନ୍.ଏ.)

ବୈପାରିଗୁଡାରେ ଶନିବାର ଏକ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମାଲାଗୁଡା ଗ୍ରାମର ଭଗବାନ ଖରା(୬୫)। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବରରୁ ଜଣାପଡିଛି ଭଗବାନ ପୂର୍ବାହ୍ନରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ନିକଟସ୍ଥ ପେଟ୍ରୋଲ ଟାଙ୍କିରୁ ବାଇକ୍ରେ ପେଟ୍ରୋଲ ପକାଇ ମୁଖ୍ୟ ରାସ୍ତାକୁ ବାହାରିବା ବେଳେ ସାଇରାମ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ବାଇକକୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଭଗବାନଙ୍କୁ ଜୟପୁର ଜିଲା ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ତାଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ବୈପାରିଗୁଡା ମୁଖ୍ୟ ଛକରେ ମୃତଦେହ ରଖି ରାସ୍ତା ରୋକୋ କରିଥିଲେ। ଖବରପାଇ ପୋଲସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇଥିଲା।

## ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ନେଇ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଜୟପୁର, ୩୦।୪ (ନି.ପ୍ର.)

ଜୟପୁର ପୌର ପରିଷଦ କାଉନସିଲରମାନେ ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ପ୍ରମାଣପତ୍ର ନେଇ ଶନିବାର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରମାଣପତ୍ର ଜିଲା ଚିକିତ୍ସାଳୟରେ ପ୍ରଦାନ ଲାଗି ମସୁଧା ଚାଲିଛି। ଏହା ହେଲେ ପୌରାଞ୍ଚଳ ଜନସାଧାରଣ ହଇରାଣ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, କାଉନସିଲର ଏନ୍. ଲକ୍ଷ୍ମୀନାରାୟଣ, ଜସ୍ପାଲ ସିଂ, ସୀମାଞ୍ଚଳ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ମିନିଟ୍ରକ ଓଲଟି ଜଣେ ମୃତ, ୨୦ ଆହତ

ପଟ୍ଟାଙ୍ଗୀ,୩୦।୪(ଡି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ସିନ୍ଦେଇ ଘାଟଠାରେ ଭାରସାମ୍ୟ ହରାଇ ଏକ ମିନି ଟ୍ରକ ଓଲଟି ପଡିଛି। ଫଳରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ୫ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି ପଟ୍ଟାଙ୍ଗୀ ଅଞ୍ଚଳର ଏକ ମିନି ଟ୍ରକ ମାଳିପୁଟ ପଞ୍ଚାୟତର ସିନ୍ଦେଇ ଗ୍ରାମରୁ ଶ୍ରମିକମାନଙ୍କୁ ନେଇ ଏକ ଅଦାଚାଷ ହେଉଥିବା ଜମିକୁ ଯାଉଥିବା ବେଳେ ଉକ୍ତ ଘାଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରକର ଡାଲାରେ ବସିଥିବା ଶ୍ରମିକମାନେ ଛିଟିକି ପଡିଗଲେ। ଚାଷଜମିରେ କାମ କରୁଥିବା ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଗୁରୁତର ଥିବା ୫ ଶ୍ରମିକ କମଳା ମାଝି, ସୁରେନ୍ଦ୍ର ମାଝି, ଦାନୁ ଚମ୍ପି, ଛବି ସିଡ଼ିଙ୍ଗା ଏବଂ ସୁନ୍ଦୁରୁ ଚମ୍ପିଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ପଠାଯାଇଥିଲା। ସେଠାରେ ଦାନୁ ଚମ୍ପିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅନ୍ୟ ଆହତଙ୍କ ମଧ୍ୟରୁ କମଳା ଏବଂ ସୁନ୍ଦୁରୁ ଚମ୍ପିଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

DSPL - 15
ଓଡ଼ିଶା ସରକାର

ଶ୍ରମିକ ଦିବସ ଉପଲକ୍ଷେ
ବାର୍ତ୍ତା
ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ।
ରାଜ୍ୟକୁ ଶିଳ୍ପସମୃଦ୍ଧ ଭାବେ ଗଢ଼ିତୋଳି ବିକାଶ ପଥରେ ଆଗେଇନେବାରେ ଶ୍ରମିକମାନଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନଙ୍କର କର୍ମକୌଶଳ, ନିଷ୍ଠା ଓ ଆନ୍ତରିକତା ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ବିକାଶୋନ୍ମୁଖୀ କରିବ ବୋଲି ମୋର ଆଶା ଓ ବିଶ୍ୱାସ।
ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।
(ସୁଶାନ୍ତ ସିଂହ)
ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା
OIPR-17001/13/0001/2223

DSPL-17
ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ।
କଣ କରିବେ
ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ ଏବଂ ଛତା,ଚପଲ,କଳାଚଷମା ବ୍ୟବହାର କରନ୍ତୁ।
ଘରେ ଟିଣ ବା ଆଜ୍ବେଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ କିମ୍ବା ଧଳାରଙ୍ଗ ଲେପନ୍ତୁ।
ପ୍ରଚୁର ପରିମାଣରେ ପାଣି, ତୋରାଣି,ପଣା,ଘୋଳଦହି କିମ୍ବା ସରବତ ଆଦି ପିଅନ୍ତୁ।
ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ।
କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ।
ଅଂଶୁଘାତ ରୋଗୀଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନକୁ ନେଇ ଚିକିତ୍ସା କରାନ୍ତୁ।
କଣ କରିବେ ନାହିଁ
ଦିନ ୧୧ଟାରୁ ୩ ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ।
ବୃଦ୍ଧ,ଅସୁସ୍ଥ ଲୋକ,ଶିଶୁ, ଗର୍ଭବତୀ ମହିଳା ଏବଂ ଉଚ୍ଚ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହରକୁ ଯାଆନ୍ତୁ ନାହିଁ।
ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହି।
ମାଦକ ଦ୍ରବ୍ୟ (ମଦ,ବିଡି, ସିଗାରେଟ,ତମାଖୁ ଇତ୍ୟାଦି ସେବନ କରନ୍ତୁ ନାହିଁ।
ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ।
ଗ୍ରୀଷ୍ମ ପ୍ରବାହ ସମୟରେ ହଠାତ୍ ଅସୁସ୍ଥ ଅନୁଭବ କଲେ, ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ।
ସରକାରୀ ଡାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ।
ଅଧିକା ସୂଚନା ପାଇଁ ନିକଟସ୍ଥ ଆଶା,ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0005/2223

# ଜାତୀୟ ରାଜପଥରୁ କାଟିଦେଲେ ୮୭୦ ଗଛ

ନବରଙ୍ଗପୁର,୩୦।୪(ବି.ପ୍ର.)

■ ଖରାରେ ଲୋକଙ୍କୁ ମିଳିନି ଛାଇ
■ ରାସ୍ତା ଚଉଡ଼ା ବଦଳରେ ହେଉଛି ସଙ୍କୀର୍ଣ୍ଣ
■ ବିଭାଗୀୟ ଅଫିସ ନ ଥିବାରୁ ଅଭିଯୋଗ କରିପାରୁନାହାନ୍ତି ଲୋକେ

ନବରଙ୍ଗପୁର ସହର ମଧ୍ୟଭାଗ ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ନବରଙ୍ଗପୁର ଇନ୍ଦ୍ରାବତୀ ନଦୀ ପୋଲ ଠାରୁ ମାଝିଗୁଡ଼ା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିଲା ଅନେକ ବିରାଟକାୟ ବୃକ୍ଷ। ଉନ୍ନୟନ କାର୍ଯ୍ୟ ନାମରେ ଏହି ରାସ୍ତାରୁ ୮୭୦ ଗଛ କାଟି ଦିଆଯାଇଛି। ସବୁଜ ସୁନ୍ଦର ଓ ଛାୟା ପ୍ରଦାନ କରୁଥିବା ଗଛ ଗଡ଼ିକୁ କାଟିଦେବା ପରେ ଏବେ ସହର ଶ୍ରୀହିନ ଦେଖାଯାଉଛି।

ଜିଲା ସଦର ହୋଇଥିବାରୁ ଏଠାରେ ବିଭିନ୍ନ ସଭା ସମିତି ଓ ଶୋଭାଯାତ୍ରା ସମୟରେ ଗଛଗୁଡ଼ିକ ଲୋକଙ୍କୁ ଛାୟା ପ୍ରଦାନ କରୁଥିଲା। ଏବେ ଲୋକଙ୍କୁ ଖରାରୁ ତ୍ରାହି ମିଳୁନି। ଗଛ କାଟିବା ପୂର୍ବରୁ ଓ ପରବର୍ତ୍ତୀ ସମୟରେ ଗଛ ଲଗାଇବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଏଠାରେ ଏହାର ଖିଲାପ କରାଯାଇଛି। ଜାତୀୟ ରାଜପଥ ନିର୍ମାଣ ପୂର୍ବରୁ ଗଛଗୁଡ଼ିକ କଟାଯିବାରୁ ସଙ୍କୀର୍ଣ୍ଣ ରାସ୍ତା ଚଉଡ଼ା ହେବ ବୋଲି ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ହେଲେ ମାଝିଗୁଡ଼ା ଛକଠାରୁ ସହର ଦିଗକୁ ନିର୍ମାଣ ହେଉଥିବା ଡ୍ରେନ୍ କାମକୁ ଦେଖିଲେ ରାସ୍ତା ଓସାରିଆ ହେବା ବଦଳରେ ପୁଣି ସଙ୍କୀର୍ଣ୍ଣ ହେଉଥିବା ଜଣାପଡୁଛି।


ଗଛଗୁଡ଼ିକ କଟାଯିବା ପରେ ଶ୍ରୀହିନ ଜାତୀୟ ରାଜପଥ।

ନବରଙ୍ଗପୁର ଜିଲାରେ ଜାତୀୟ ରାଜପଥ ବିଭାଗର ଗୋଟିଏ ମଧ୍ୟ କାର୍ଯ୍ୟାଳୟ ନାହିଁ। ଫଳରେ ଜନସାଧାରଣ ଅଭିଯୋଗ କରିବା ଦୂର କଥା ଜାତୀୟ ରାଜପଥ ବିଷୟରେ କୌଣସି ସୂଚନା ମଧ୍ୟ ପାଇପାରୁ ନାହାନ୍ତି । ନବରଙ୍ଗପୁର ସହରର ମଧ୍ୟ ଭାଗ ତଥା ଜାତୀୟ ରାଜପଥ ଉପରେ ଶ୍ରୀ ଜଗନ୍ନାଥ, ମାଁ ଭଣ୍ଡାର ଘରଣୀ ଭଳି ବଡ଼ ବଡ଼ ମନ୍ଦିର ରହିଛି। ରଥଯାତ୍ରା, ଦଶହରା ଭଳି ବଡ଼ ପର୍ବ ମଧ୍ୟ ମୁଖ୍ୟରାସ୍ତା ଉପରେ ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷରେ ସହରରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ପାର୍ଶ୍ୱରେ ଯାନବାହନ ରଖାଯାଇ ବହୁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଡ୍ରେନ୍ ଗୁଡ଼ିକ ଚଉଡ଼ା କରାଗଲେ ସହର ମଧ୍ୟରେ ଥିବା ରାସ୍ତା ଆହୁରି ସଙ୍କୀର୍ଣ୍ଣ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଏ ନେଇ ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଚକ୍ରଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ନବରଙ୍ଗପୁର ଇନ୍ଦ୍ରାବତୀ ପୋଲ ଠାରୁ ସହର ମଧ୍ୟ ଭାଗ ଦେଇ ସର୍କିଟ ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କରାଯିବ ନାହିଁ। ଏହାର କାରଣ ହେଲା ନବରଙ୍ଗପୁର ବାଇପାସ୍ ପାଇଁ ଅନୁମୋଦନ ସରିବା ସହ ବ୍ୟୟ ବରାଦ ମଧ୍ୟ ହୋଇସାରିଛି। ତେଣୁ ସହର ମଧ୍ୟରେ ରହିଥିବା ପୁରୁଣା ରାସ୍ତା ଉପରେ କେବଳ ନୂତନ ଭାବେ ପିଚୁ ପକାଯିବ। ଦେଢ଼ ମିଟର ନୂତନ ଡ୍ରେନ ନିର୍ମାଣ କରାଯିବ। ଡ୍ରେନ ଉପରେ ପ୍ଲେଟ ପକାଇ ପାଦଚଲା ରାସ୍ତା କରାଯିବ। ଏଥିସହ ସହରର ଉଭୟ ପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାଜସ୍ୱ ଉପ ବିଭାଗର ସେକ୍ସନ ଅଫିସରଙ୍କୁ ଅବସରକାଳୀନ ବିଦାୟ



ନବରଙ୍ଗପୁର,୩୦।୪(ବି.ପ୍ର.)- ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀଙ୍କ ପକ୍ଷରୁ ରାଜସ୍ୱ ଉପ ବିଭାଗର ସେକ୍ସନ ଅଫିସର ପତିୟାତ୍ରୁ ହରିଙ୍କୁ ଶନିବାର ସରକାରୀ ସେବା କାର୍ଯ୍ୟରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ହରି ୧୯୮୫ ଅକ୍ଟୋବର ୨୮ରେ ଅବିଭକ୍ତ କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ ଅଫିସରୁ କନିଷ୍ଠ କିରାଣି ରୂପେ ଚାକିରି ଆରମ୍ଭ କରିଥିଲେ। ଶେଷରେ ନବରଙ୍ଗପୁର ଜିଲାର ଚନ୍ଦାହାଣ୍ଡି, ପାପଡ଼ାହାଣ୍ଡି ଏବଂ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ କାମ କରି ସେକ୍ସନ ଅଫିସର ଭାବେ ଅବସର ନେଇଛନ୍ତି। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ହୋଇଥିବା ବିଦାୟ କାଳୀନ ସଭାରେ ହରିଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତାକୁ ମନେ ପକାଇ କୃତଜ୍ଞତା ଜଣାଇବା ସହ ପ୍ରୋଭିଜିନାଲ ପେନ୍‌ସନ ପ୍ରଦାନ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ନିର୍ମଳ ନାୟକ, ମୌସୁମୀ ନାୟକ, ଅନାମିକା ପାଣ୍ଡେ, ସୁବ୍ରତ ବେହେରା, ସହକାରୀ ଜିଲାପାଳ ବାବୁଲାଲ ସାମଲ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ, ଜିଲା ଜାତୀୟ ସୂଚନା ଏବଂ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀ, ବିଶ୍ୱରଞ୍ଜନ ଭୁକ୍ତା, ଏ. ସୁରେଶ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ଗୁଣପୁର ଗସ୍ତ



ଗୁଣପୁର,୩୦।୪(ଡି.ଏନ.ଏ)- ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ ପୁନମଗୁହା ତାପସ କୁମାର ଶନିବାର ରାୟଗଡା ଜିଲା ଗୁଣପୁର ଗସ୍ତ କରିଛନ୍ତି। ସେ ତାଙ୍କ ଗସ୍ତ ସମୟରେ ବିଭିନ୍ନ ବିଦ୍ୟାଳୟ, ଚିକିତ୍ସାଳୟ, ଏଲଏସଡିଏ, ଜିବୀକାମିଶନର ଚାଷ ଆଦି କାର୍ଯ୍ୟ ବୁଲି ଦେଖିଥିଲେ। ପୁନମଗୁହା ପୋଷ୍ୟ ଭାବେ ନେଇଥିବା ଗୁଣପୁର ବ୍ଲକର ଡମ୍ବସରା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଉନ୍ନତି ସହ ପିଲାଙ୍କ ଭବିଷ୍ୟତ ନେଇ ଆଲୋଚନା କରିଥିଲେ। ଶଗଡା ପଞ୍ଚାୟତର କେରବା ବାଳିକା ବିଦ୍ୟାଳୟକୁ ଯାଇ ପିଲାଙ୍କ ଖାଦ୍ୟ କିଭଳି ହେଉଛି, ପାଠପଢା, ଖେଳଉପକରଣ ଆଦି ବିଷୟରେ ତଦାରଖ କରିଥିଲେ। ବିକ୍ରମପୁରସ୍ଥିତ ଏକଲବ୍ୟ ବିଦ୍ୟାଳୟକୁ ଯାଇ ସ୍ମାର୍ଟ କ୍ଲାସରୁମ ଉଦ୍‌ଘାଟନ କରିଥିଲେ। ପ୍ରଧାନୀଗୁଡାରେ ଜିବୀକାମିଶନରେ ଚାଲିଥିବା ବିଭିନ୍ନ ଚାଷ ଦେଖିଥିଲେ। ପରେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଅକ୍ଷୟ ଶତପଥୀ, ଅକ୍ଷୟ ଦାସ, ଉମା ଦାସ, ମିଲି ପାଢୀ, ରାଜେଶ୍ୱରୀ ଦଳେଇ, ରମେଶ ଲିମା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ସେବାସମାଜକୁ ଯାଇ ସ୍ୱର୍ଗତ ରତନ ଦାସ ଏବଂ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳେଇ, ଜିଲା ମଙ୍ଗଳ ଅଧିକାରି ଅଶୋକ ଶତପଥୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏ.ଶ୍ରୀନିବାସ ଆଚାରୀ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଚୈତନ୍ୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ଯକ୍ଷ୍ମାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

ଡାବୁଗାଁ,୩୦।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରି ପଞ୍ଚାୟତରେ ଯକ୍ଷ୍ମା ରୋଗର ନିରାକରଣ ତଥା ଯକ୍ଷ୍ମାମୁକ୍ତ ଭାରତ କାର୍ଯ୍ୟକ୍ରମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାତାଗୁଡ଼ି ମନ୍ଦିର ନିକଟରୁ ଏହା ଆରମ୍ଭ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହାୟତାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶୁଭାଶୀଷ ସାହୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନକି ମାଝିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସରପଞ୍ଚ ଚନ୍ଦ୍ରି ଭତ୍ରା, ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ସବିତା ମିଶ୍ର, ସମସ୍ତ ୱାର୍ଡ ସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶାଙ୍କ ସହଯୋଗରେ ସଚେତନ କରିଥିଲେ।

## ଗୋଦାମରୁ ଚୋରି କରି ୩ ଗିରଫ
### ୩୧ ବସ୍ତା ଡାଲି ଜବତ



ଉମରକୋଟ,୩୦।୪(ସ୍ୱ.ପ୍ର.)-

ଉମରକୋଟ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖ ଗୋଦାମରୁ କିରନା ସାମଗ୍ରୀ ଚୋରି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଥିବା ଜଣାପଡ଼ିଛି। ଗିରଫମାନେ ହେଲେ ମନୋଜ ଶବର, ଜିତେନ୍ଦ୍ର ମାଝି ଓ ଲକ୍ଷ୍ମଣ ଦଳେଇ। ସୂଚନା ଅନୁଯାୟୀ, ଉମରକୋଟର ବ୍ୟବସାୟୀ ଚକ୍ରଧର ପଣ୍ଡାଙ୍କ ଏକ ଗୋଦାମ କୁସୁମଗୁଡା ସାହିରେ ରହିଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଗୋଦାମର ଚାବି ଭାଙ୍ଗି ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ଚୋରି କରି ନେଇଛନ୍ତି। ଶନିବାର ସକାଳେ ଚକ୍ରଧର ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ୩ ଅଭିଯୁକ୍ତ ସାମଗ୍ରୀ ଚୋରିକରି ଶଙ୍କର ଦଳେଇ ନାମକ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଜଣାପଡ଼ିଥିଲା। ଏ ନେଇ ଚକ୍ରଧର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନ ଚଢ଼ାଉ କରି ଚୋରି ହୋଇଥିବା ୩୧ ବସ୍ତା କାନ୍ଦୁଲ ଡାଲି ଜବତ କରିଛନ୍ତି। ତେବେ ଅନ୍ୟ ଚୋରି ସାମଗ୍ରୀ ଏ ପର୍ଯ୍ୟନ୍ତ ମିଳିନାହିଁ। ଚୋରି ଜିନିଷ କିଣିଥିବା ଶଙ୍କର ଫେରାର ଅଛନ୍ତି। କୁସୁମଗୁଡ଼ାରେ ଶଙ୍କରଙ୍କ କିରାନା ଦୋକାନ ରହିଛି। ଏହି ଚୋର ଗ୍ୟାଙ୍ଗ ଉମରକୋଟରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ମଧ୍ୟ ଏହି ଗୋଦାମରୁ ଚୋରି କରି ଧରାପଡ଼ିଥିଲେ। ପରେ ଏହି ସବୁ ସାମଗ୍ରୀ ଚକ୍ରଧରଙ୍କୁ ଫେରାଇଥିଲେ। ଫେରାର ଶଙ୍କରଙ୍କୁ ଶୀଘ୍ର ଗିରଫ କରାଯାଇ ସମସ୍ତ ଚୋରି ଜିନିଷ ଜବତ କରାଯିବ ବୋଲି ପୋଲିସ କହିଛି। ଉମରକୋଟ ଥାନା ଏସ୍‌ଆଇ ସନ୍ତୋଷ ମାଝି ଘଟଣାର ତଦନ୍ତ ଚଳାଇଛନ୍ତି।

## ଟାଉନ ହଲଠାରେ ପୌର କାର୍ଯ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି

ଗୁଣପୁର,୩୦।୪(ଡି.ଏନ୍.ଏ.)

■ ଗୁଣପୁର ପୌର ପରିଷଦର ପ୍ରଥମ ବୈଠକ
■ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ର ପ୍ରଥମ ବୈଠକ ଶନିବାର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ସହରର ବିକାଶ ସହ ପାନୀୟ ଜଳ, ରାସ୍ତା, ପରିମଳ ଆଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଏବେ ଚାଲୁଥିବା ପୌର କାର୍ଯ୍ୟାଳୟର କୋଠା ପୁରାତନ ହେବା ସହ କମ୍ ସ୍ଥାନରେ ଏହା ରହିଛି। ତେଣୁ ଟାଉନ ହଲକୁ ଭଙ୍ଗାଯାଇ ପୌର କାର୍ଯ୍ୟାଳୟ ସ୍ଥାନାନ୍ତର ସହ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଥାଇ କୋଠା ନିର୍ମାଣ କରାଯିବାକୁ ନିଷ୍ପତ୍ତି ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ସେହିପରି କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ରରେ ଜଣାଯାଇଥିବା ଦାବି ଯଥା ନୂତନ ବସଷ୍ଟାଣ୍ଡ ପଚ୍ଛପଟ ବନ୍ଧର ଉନ୍ନତିକରଣ ସହ ବୋଟିଂ, ପାର୍କ ନିର୍ମାଣ, ଅଡିଟୋରିୟମ, ମେଗା ଷ୍ଟାଡିୟମ, ରିଙ୍ଗ୍ ରୋଡ ନିର୍ମାଣ, ବଂଶଧାରା ନଦୀ ଉପରେ ଦ୍ୱିତୀୟ ବ୍ରିଜ୍‌ନିର୍ମାଣ, ଗୁଣପୁର-ଥେରୁବାଲି ରେଳପଥକୁ ତ୍ୱରାନ୍ୱିତ କରାଯିବା, ଗୁଣପୁର ଷ୍ଟେଶନର ଆଧୁନିକୀକରଣ ନେଇ ବୈଠକରେ ପ୍ରସ୍ତାବ ରଖାଯାଇ ଅନୁମୋଦନ କରାଯାଇଥିଲା। ଏଥିସହ ସେଫାଳି ପାହାଡ଼କୁ ରାସ୍ତା, ଜଳଯୋଗାଣ, ସୌନ୍ଦର୍ଯ୍ୟକରଣ, ଆଦି ବିଷୟରେ ଆଲୋଚନା ହୋଇଥିଲା। ବାଇପାସ୍ ଯଥା ଛକଠାରୁ ବସଷ୍ଟାଣ୍ଡକୁ ଯିବା ରାସ୍ତାରେ ବର୍ଷା ଦିନେ ପାଣି ସବୁ ରାସ୍ତାକୁ ଆସୁଥିବାରୁ ମାଷ୍ଟର ଡ୍ରେନ୍ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିଲା। ଏଲ୍‌ଆଇସି ଅଫିସ ଠାରୁ ମୁତ୍ୟାଲମା ମନ୍ଦିର ନିକଟ ଦେଇ ହନୁମାନ ମନ୍ଦିରକୁ ରାସ୍ତା ନିର୍ମାଣ, ମଶାମରା ଗାଡ଼ି କ୍ରୟ କରିବା, ଦୁଇଟି ଟିପର୍ କ୍ରୟ, ସହରର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ମସସ୍ୟା ଥିବାରୁ ସେହି ଅଞ୍ଚଳରେ ବୋର୍ ଖୋଳାଯାଇ ପାନୀୟ ଜଳ ଯୋଗାଣ କରାଯିବା, ଠିକା କର୍ମଚାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଦରମା ପ୍ରଦାନ, ଷ୍ଟେଶନଠାରେ ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ନିର୍ମାଣ, କର୍ମଚାରୀଙ୍କୁ ୭ମ ବେତନ ଆଧାରରେ ଦରମା ପ୍ରଦାନ, ବର୍ଷା ଦିନକୁ ଦୃଷ୍ଟିରେ ରଖି ସହରର ଡ୍ରେନ୍ ଗୁଡ଼ିକର ରକ୍ଷଣାବେକ୍ଷଣ ସହ ଉନ୍ନତି କରଣ ବିଷୟରେ ଆଲୋଚନା ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳକୁ ମଧ୍ୟ ମଞ୍ଜୁର କରାଯାଇଥିଲା। ବୈଠକରେ ଅଧ୍ୟକ୍ଷା ମମତା ଗୌଡ଼ ସଭାପତିତ୍ୱ କରିଥିବାବେଳେ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ସମେତ ସମସ୍ତ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଓ କାଉନ୍‌ସିଲରମାନେ।

## ଜୟପୁର-ନବରଙ୍ଗପୁର ନୂତନ ବ୍ରଡ୍‌ଗେଜ ରେଳପଥ ପାଇଁ ଶୀଘ୍ର ଜମି ଅଧଗ୍ରହଣ ନିର୍ଦ୍ଦେଶ

ନବରଙ୍ଗପୁର,୩୦।୪(ବି.ପ୍ର.)-

**ନବରଙ୍ଗପୁର ଜିଲା ରାଜସ୍ୱ ସମୀକ୍ଷା ବୈଠକ**

ନବରଙ୍ଗପୁର ଜିଲା ରାଜସ୍ୱ ସମୀକ୍ଷା ବୈଠକ ଶନିବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଦକ୍ଷିଣାଞ୍ଚଳ ଆର୍‌ଡିସି, ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର, ଜିଲାର ତହସିଲଦାର ଉପସ୍ଥିତ ଥିଲେ। ଏଥିରେ ଦାଖଲ ଖାରଜ ଓ ଘରବାଡ଼ି ମାମଲାର ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଇଘର ଓ ନବରଙ୍ଗପୁର ତହସିଲଦାରଙ୍କୁ କଡ଼ା ତାଗିଦ କରାଯାଇଛି। ବେବନ୍ଦୋବସ୍ତ ମାମଲାଗୁଡ଼ିକର ତ୍ୱରିତ ଫଇସଲା କରାଯିବାକୁ କୁହାଯାଇଛି। ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବାକୁ ନୂତନ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ନବରଙ୍ଗପୁର ଜିଲାର ସମସ୍ତ ୫ଟି ଅଧୀନ ହାଇସ୍କୁଲକୁ ମେ ୧୫ ସୁଦ୍ଧା ଜମି ପଟ୍ଟା ବଣ୍ଟନ କରାଯିବ। ନୂତନ ଆର୍‌ଆଇଙ୍କ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ବର୍ଷେ ମଧ୍ୟରେ ସରିବ ବୋଲି କୁହାଯାଇଛି। ନିବନ୍ଧନ କାର୍ଯ୍ୟାଳୟରେ ମଧ୍ୟ ଅଧିକ ସଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ମେ ୩୧ ସୁଦ୍ଧା ଘରବାଡ଼ି ଜାଗା ଏବଂ ଜଳ ଓ ଜୀବନ ମିଶନରେ ମେଗା ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସାତ ଦିନ ମଧ୍ୟରେ ଜାଗା ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ପ୍ରକଳ୍ପରେ ଜମି ଅଧିଗ୍ରହଣ କରି ଦାଖଲ ଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ଜମି ହସ୍ତାନ୍ତରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି।

ଏତଦ ବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ମେ ୧୫ ସୁଦ୍ଧା ଅତିରିକ୍ତ ଜିଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଆର୍‌ଆଇ ମାନଙ୍କ ପାଇଁ ବାସଭବନ ତଥା କାର୍ଯ୍ୟାଳୟ ନିର୍ମାଣ ଦିଗରେ ଜାଗା ଚିହ୍ନଟ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଏହିପରି ନିୟମିତ ସମୀକ୍ଷା ବୈଠକ କରାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୧୨୦ ଲଘୁ ଖଣିଜ ଉତ୍ସରୁ ମାତ୍ର ୫୨ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି। ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ସମସ୍ତ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କିମ୍ବା ଲଘୁ ଖଣିଜ ଉତ୍ସରୁ ସମସ୍ତ ଲଘୁ ଖଣିଜ ସମ୍ପଦ ସମାପ୍ତ ହୋଇଥିଲେ ତାକୁ ଆଇନ ଅନୁଯାୟୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡାବୁଗାଁ, ଉମରକୋଟ ଓ ପାପଡାହାଣ୍ଡି ତହସିଲଦାରଙ୍କୁ ସେମାନଙ୍କ ତହସିଲର ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କ୍ଷେତ୍ରାଧିକାରୀଙ୍କୁ ଲଘୁ ଖଣିଜ ସଂପଦରୁ ରାଜସ୍ୱ ଆଦାୟ ଉପରେ ଗୁରତ୍ୱ ଦେବାକୁ କହିଛନ୍ତି। ସେହିପରି ଲଘୁ ଖଣିଜ ଚୋରା ଚାଲାଣ ସମୟରେ ଚଢ଼ାଉ କରି ସୁରକ୍ଷା ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜୟପୁର-ନବରଙ୍ଗପୁର ନୂତନ ବ୍ରଡ୍‌ଗେଜ ରେଳପଥ ପାଇଁ ଶୀଘ୍ର ଜମି ଅଧଗ୍ରହଣ ନିର୍ଦ୍ଦେଶ ଦିଆଯାଇଛି।

## ଡାବୁଗାଁରେ ୧୯୬ ପରୀକ୍ଷାର୍ଥୀ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ଡାବୁଗାଁ,୩୦।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଶନିବାର ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ୨ ପରୀକ୍ଷା କେନ୍ଦ୍ରରେ ମୋଟ ୧୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୫୬ ଜଣ ଅନୁପସ୍ଥିତ ଥିଲେ। ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମୋଟ ୧୦୮ ପରିକ୍ଷାର୍ଥୀ ନାମ ପଞ୍ଜୀକୃତ କରିଥିବା ବେଳେ ୮୨ ଜଣ ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ଓ ୧୧ ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ପର୍ଯ୍ୟବେକ୍ଷକ ଭାବେ ଡାବୁଗାଁ ଏବିଇଓ ସୌମେନ୍ଦ୍ର ଭୌମିକ ଉପସ୍ଥିତ ଥିଲେ। ଡାବୁଗାଁ ସରକାରୀ(ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୧୫୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୨ ଜଣ ପରୀକ୍ଷା ଦେଇଥିବା ବେଳେ ୩୦ ଜଣ ଅନୁପସ୍ଥିତ ଥିଲେ। ସୁପରିଟେଣ୍ଡେଣ୍ଟ ଭାବେ ସୁକାନ୍ତ କୁମାର ସ୍ୱାଇଁ ଓ ୧୪ ଜଣ ଇନ୍‌ଭିଜିଲେଟର ରହିଥିଲେ। ଡାବୁଗାଁ ବିଇଓ ପ୍ରଶାନ୍ତ କୁମାର ହୋତା ଓ ବିଡିଓ ଶରତ ମାଝି ୨ କେନ୍ଦ୍ର ପରିଦର୍ଶନ କରିଥିଲେ।

## ଉମରକୋଟ ସିଏଚ୍‌ସି ପରିସରରେ ନିର୍ମାଣ ହେବ ଉନ୍ନତ ମାନର କୋଠା

ଉମରକୋଟ,୩୦।୪(ସ୍ୱ.ପ୍ର.)

**ସରକାରଙ୍କ ପକ୍ଷରୁ ୨୩ କୋଟି ଟଙ୍କା ମଞ୍ଜୁର**

ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୩ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ପରିସରରେ ଏକ ଉନ୍ନତ ମାନର ଗୃହ ନିର୍ମାଣ କରାଯିବ। ଏହା ସାଧାରଣ ରୋଗୀଙ୍କ ପାଇଁ ବ୍ୟବହାର କରାଯିବ। ଏ ନେଇ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନିରେ ପୌରାଧ୍ୟକ୍ଷା ରାଧା ଭତ୍ରା ଓ ଉପାଧ୍ୟକ୍ଷ ସୁଧାଂଶୁ ଦାସ ସୂଚନା ଦେଇଛନ୍ତି।

ଏହି ଉନ୍ନତ ମାନର ଗୃହ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବାରୁ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ଉମରକୋଟ ଅଞ୍ଚଳର ଅନେକ ସମସ୍ୟା ବିଷୟରେ ଖବରଦାତାଙ୍କ ସହ ଆଲୋଚନା କରିଛନ୍ତି। ଭାରତମାଳା ପ୍ରକଳ୍ପ କାମ ପାଇଁ ଗାଡ଼ିରେ ଯେଉଁ ବାଲି, ଗୋଡ଼ି, ମେଟାଲ ଉମରକୋଟ ସହର ମଧ୍ୟ ଦେଇ ପ୍ରକଳ୍ପ କାମକୁ ଯାଉଛି। ନ ଘୋଡ଼ାଇ କ୍ଷମତା ଠାରୁ ଗାଡ଼ିରେ ଅଧିକ ଜିନିଷ ଯାଉଥିବାରୁ ସେଗୁଡିକ ରାସ୍ତାରେ ବିଛେଇ ହୋଇ ପଡୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏଥିପ୍ରତି ଦୃଷ୍ଟି ଦେବା ସହ ପ୍ରକଳ୍ପ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ସହରର ପରିମଳ ବ୍ୟବସ୍ଥା ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜନସାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ୧୪ଟି ୱାର୍ଡରେ ପାଣି ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ରାଧା ଭତ୍ରା ଏବଂ ଉପାଧ୍ୟକ୍ଷ ସୁଧାଂଶୁ ଦାସ।

## ୨ରୁ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ ଲାଗିବ ଅଧିକ ବଗି

ଗୁଣପୁର,୩୦।୪(ଡି.ଏନ୍.ଏ.)

ରାଉରକେଲା ଭାୟା ଭୁବନେଶ୍ୱର ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ଲାଗିବ ଅଧିକ ବଗି। ଏ ନେଇ ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ମେ ୨ ରୁ ରାଉରକେଲାରୁ ଗୁଣପୁର ଆସିବାକୁ ଥିବା ଉକ୍ତ ଟ୍ରେନ୍‌ରେ ଏହି ସୁବିଧା ଉପଲବ୍ଧ ହେବ। ସେହିପରି ମେ ୩ରୁ ଗୁଣପୁରଠାରୁ ରାଉରକେଲା ଅଭିମୁଖେ ଯାତ୍ରା କରୁଥିବା ଯାତ୍ରୀ ଏହି ସୁବିଧା ପାଇବେ। କରୋନା ପରେ ରାଜ୍ୟରାଣୀ ଏକ୍ସପ୍ରେସ୍ ୧୫ କୋଚ୍‌କୁ ନେଇ ଚାଲିଥିଲା। ୨ରୁ ତାହା ୧୭କୁ ବୃଦ୍ଧି ପାଇବ ବୋଲି ବିଜ୍ଞପ୍ତିରୁ ଜଣାପଡ଼ିଛି। ଏଥିରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଏସି, ଦୁଇଟି ୩ୟ ଶ୍ରେଣୀ ଏସି, ୭ଟି ସ୍ଲିପର, ୫ଟି ସାଧାରଣ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ୨ଟି ବଗି ତଥା କୋଚ୍ ରହିବ। ରେଲ୍‌ୱେ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପୂର୍ବରୁ ରହିଥିବା ୧୫ କୋଚ୍ ମଧ୍ୟରେ ଗୋଟିଏ ୩ୟ ଶ୍ରେଣୀ ଏସି, ୬ଟି ସ୍ଲିପର, ୫ଟି ସାଧାରଣ ଏବଂ ଦୁଇଟି ଦିବ୍ୟାଙ୍ଗଙ୍କ ପାଇଁ ଉପଲବ୍ଧ ରହିଥିଲା। କରୋନା ସ୍ଥିତି ସ୍ୱାଭାବିକ ହେବାପରେ ମଧ୍ୟ ବଗି ସଂଖ୍ୟା ବଢ଼ି ନ ଥିଲା। ଗ୍ରୀଷ୍ମ ପ୍ରବାହ ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ବଗି ସଂଖ୍ୟା ବଢ଼ାଇବାକୁ ଓଡ଼ିଶା-ଆନ୍ଧ୍ର ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟପ୍ରକାଶ ପଣ୍ଡା ଦକ୍ଷିଣ ପୂର୍ବ ରେଳପଥକୁ ୧୬ରେ ଚିଠି ଲେଖି ଦାବି ଜଣାଇଥିଲେ। ଦାବିର ଯଥାର୍ଥତାକୁ ଉପଲବ୍ଧି କରି ପୂର୍ବଭଳି ରାଜ୍ୟରାଣୀ ଏକ୍ସପ୍ରେସ୍ ୧୭ ବଗି ସହ ଚଳାଚଳ କରିବାକୁ ରେଲ୍‌ୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, କରୋନା ପରେ ଏହି ଟ୍ରେନ୍ ସପ୍ତାହରେ ୩ଦିନ ଚଳାଚଳ କରୁଥିଲା। ଏପ୍ରିଲ ୧୮ରୁ ଏହା ଦୈନନ୍ଦିନ ଚଳାଚଳ କରୁଛି।

## ଇନ୍ଦିରା କଲୋନୀ, ଡଙ୍ଗରବାଙ୍କ ଜଙ୍ଗଲ ଜଳୁଛି

ବିଷମକଟକ,୩୦।୪(ଡି.ଏନ୍.ଏ.)

■ ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଛି ବନ ବିଭାଗ
■ ନିଆଁ ଲଗାଉଥିବା ଲୋକଙ୍କ ବିଷୟରେ ସୂଚନା ଦେଲେ ପୁରସ୍କାର

ରାୟଗଡ଼ା ଜିଲା ମୁନିଗଡ଼ା ବନାଞ୍ଚଳ ବିଷମକଟକ ରେଞ୍ଜ୍ ଅନ୍ତର୍ଗତ ଡଙ୍ଗରବାଙ୍କ ଓ ଇନ୍ଦିରା କଲୋନୀ ଜଙ୍ଗଲରେ ଶନିବାର ସକାଳୁ ନିଆଁ ଲାଗିଛି। ଘଞ୍ଚ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଛି। ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ବନ ବିଭାଗ ସମସ୍ତ ପ୍ରଚେଷ୍ଟା କରି ମଧ୍ୟ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇନାହିଁ। ବିଷମକଟକ ବନ ବିଭାଗ ଅଧିକାରୀ ଉମ୍ବରୁଧର ସେନାପତି, ବନରକ୍ଷୀ କମଳ ନାଗ, ରନୀତି ମହାରଣା ପ୍ରମୁଖ କଙ୍କୁବାଡ଼ି ଓ ଜମୁଗୁଡାର ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ଜାରି ରଖିଛନ୍ତି।

ଅନ୍ୟପକ୍ଷରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଷମକଟକ, ମୁନିଗୁଡ଼ା ଚନ୍ଦ୍ରପୁର ବନାଞ୍ଚଳରେ ବିଭାଗ ପକ୍ଷରୁ ମାନସ ମନ୍ଥନ ଓ ଧରପଗଡ଼ ଚାଲିଛି। ଅନେକ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ କରାଯାଇ ବନ ବିଭାଗ କର୍ମଚାରୀମାନେ ଜଗି ରହିଛନ୍ତି। ନିଆଁ ଲିଭାଇବା ପାଇଁ ଅନେକ ଗ୍ରାମବାସୀ ସ୍ୱେଚ୍ଛାକୃତଭାବେ ସହଯୋଗ ମଧ୍ୟ କରୁଛନ୍ତି। ସହଯୋଗ କରୁଥିବା ଲୋକଙ୍କୁ ପାରିଶ୍ରମିକ ଦିଆଯିବାକୁ ବନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲଗାଇଲେ ୭ ବର୍ଷ ଜେଲ ଏବଂ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ବନ ବିଭାଗ ପକ୍ଷରୁ ଚେତାବନି ଦିଆଯାଇଛି। ନିଆଁ ଲଗାଉଥିବା ଲୋକଙ୍କ ବିଷୟରେ ସୂଚନା ଦେଲେ ସୂଚନାଦାତାଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି। ରାୟଗଡ଼ା ଜିଲାପାଳ ମଧ୍ୟ ବୈଠକ କରି ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ସହଯୋଗ କରିବାକୁ କହିଛନ୍ତି। ରାଜନୈତିକ ବ୍ୟକ୍ତିବିଶେଷ, ଜନପ୍ରତିନିଧି, ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ସିଆରପିଏଫ୍ ଯବାନ ଏବଂ ସମସ୍ତ ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥା ଏହି ବିପଦ ସମୟରେ ଜଙ୍ଗଲକୁ ରକ୍ଷା କରିବାକୁ ଆଗେଇ ଆସିବାକୁ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଆହ୍ୱାନ କରିଛନ୍ତି। ମୁନିଗୁଡ଼ା ବନାଞ୍ଚଳରେ ବ୍ୟାପକ ଇଟାଭାଟି, ପୋଡୁଚାଷ, ମହୁଲ ସଂଗ୍ରହ ପାଇଁ ଜଙ୍ଗଲ ସଫେଇ, କଅଁଳ କେନ୍ଦୁପତ୍ର ପାଇଁ ଓ ଉଜୁଡ଼ା କୃଷି କ୍ଷେତ୍ରରେ ଅଗ୍ନି ସଂଯୋଗ କରି ସଫା କରିବାବେଳେ ପବନ ଦ୍ୱାରା ଜଙ୍ଗଲରେ ନିଆଁ ବ୍ୟାପୁଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ହେବନି। ତେଣୁ ଏସବୁ କାର୍ଯ୍ୟରୁ ଦୂରେଇ ରହିବାକୁ ବନ ଅଧିକାରୀ କହିଛନ୍ତି।


ନିଆଁ ଲାଗି ଜଳୁଥିବା ଜଙ୍ଗଲ।

